# ଜ୍ଞାନାଞ୍ଜନ

କବି ରଘୁନାଥ ଦାସ

ହେ ମୋର ପାଠକ, ଜାଣିରଖ

ଆମେ ସବୁ କାଳ୍ପନିକ

ବିନ୍ଦୁ ଏକ ଏକ;

ଦୈର୍ଘ୍ୟ ପ୍ରସ୍ଥ ନାହିଁ,

ଅଛି ମାତ୍ର ଅବସ୍ଥିତି;

ସୃଷ୍ଟିର ଗୋଲକଧନ୍ଦା ଯେ,

ପ୍ରକୃତିର ବିଚିତ୍ର ଜ୍ୟାମିତି ।

ଆଉ ତୁମେ ଜାଣିରଖ ସୂତ୍ର ଜାଗତିକ;

ଏ ବିଶ୍ବରେ ସବୁ କିଛି ଗତିଶୀଳ,

ସବୁ କିଛି ଅସ୍ଥାୟୀ , ଅଳୀକ;

ଏଥି ନାହିଁ କିଛି ନିତ୍ୟ ଅବା ଚିରନ୍ତନ

ସବୁ କିଛ କାଳରୁ ଉଦ୍‌ଭବି

ପୁଣି କାଳଗର୍ଭେ ହୋଇଯାଏ ଲୀନ;

ବସ୍ତୁ ନାହିଁ, ଖାଲି ନାଚେ ଛାୟା-

ଲୀଳାମୟୀ ପ୍ରକୃତିର କ୍ରୀଡନକ ଆମେ ଯେତେ;

ସବୁ କିଛି ମାୟା ।

www.jatayu.org

# ଜ୍ଞାନାଞ୍ଜନ

କବି ରଘୁନାଥ ଦାସ

ମାୟା କିନ୍ତୁ ଅଟେ ସତ୍ୟ , ଅଟେ ନିତ୍ୟ,

ସତ୍ୟ ଏ ସଂସାର;

ଅଭ୍ରାନ୍ତ ତା' ଗତିଛନ୍ଦ,

ଅନାହତ ତା ବୀଣା ଝଙ୍କାର ।

କ୍ଷଣସ୍ଥାୟୀ ପ୍ରତିଟି ତରଙ୍ଗ,

ତାହା ଅଟେ ବିଶାଳ ସେ କାଳରୁ ଭୁଜଙ୍ଗ,

ସୀମାହୀନ ମହାସିନ୍ଧୁ ଅବିଚ୍ଛେଦ୍ୟ ଅଙ୍ଗ ।

ଜୀବନର ଅନନ୍ତ ଯେ ଯାତ୍ରା...

ଯାତ୍ରାପଥେ ପ୍ରତିପଦ ଏକ ଏକ ମାତ୍ରା ।

ଜନ୍ମ ମୃତ୍ୟୁ ସୀମାରେଖା ମଧ୍ୟେ ଅବସ୍ଥିତ

ନୁହେଁ ମୁଁ ଅନୃତ;

ବିକାଶର ଚିରସ୍ରୋତା ମନ୍ଦାକିନୀ ଧାରା ମଧ୍ୟେ

ବିନ୍ଦୁ ମୁଁ ଅମୃତ ।

ଜାଗତିକ ଜ୍ୟାମିତିରେ ଜ୍ଞାତବ୍ୟ ଏ ସ୍ବତଃସିଦ୍ଧ

www.jatayu.org

# ଜ୍ଞାନାଞ୍ଜନ

କବି ରଘୁନାଥ ଦାସ

ସତ୍ୟ ଚିରନ୍ତନ:

ତଳେ ଲଗ୍ନ ବିନ୍ଦୁ ଥାଏ ଅପ୍ରକଟ, ଜଡ ଅଚେତନ;

କିନ୍ତୁ ଯେବେ-

ତା’ ସତ୍ତାରେ ବାହୁ ଟେକି ଜଳିଉଠେ ଆକାଙ୍କ୍ଷାଂର ଶିଖା,

ଆପଣାର ଗତିପଥ ରଚେ ପ୍ରାଣ: (ଉଚ୍ଛନ୍ନ ରାଧିକା

ବଂଶୀସ୍ବନେ ଗୃହ ତେଜି ଛୁଟେ ଯେହ୍ନେ ଯମୁନାର ତଟେ)

ରେଖା ସେହୁ ପ୍ରତିପାଦେ ସ୍ଥିତି ସାଥେ ଦୈର୍ଘ୍ୟକୁ ପ୍ରକଟେ ।

ଭୂମିଠାରୁ ବିନ୍ଦୁ ଯେବେ ଏକ ଲକ୍ଷ୍ୟେ ଚଳେ ଉର୍ଦ୍ଧ୍ବ ରେଖ

ଇନ୍ଦ୍ରିୟର ସୀମା ଟପି, ଭେଟିବ ସେ ନିଶ୍ଚେ ଦିବ୍ୟଲୋକ;

ସେ ବିନ୍ଦୁରେ ଗତି ଯେବେ ଭୂମିଠାରୁ ହୁଏ ଅବନତ,

ଖସିବ ତଳକୁ ତଳ ସୀମାହୀନ ନରକର ଗର୍ତ୍ତ ।।

ମୁଁ ସେ ବିନ୍ଦୁ ସେ ସତ୍ତା-

ଯା ଭିତରେ ବାସକରେ ସମ୍ଭାବିତ ରାକ୍ଷସ/ଦେବତା ।